# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 28 October – 2025

**********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନର କାର୍ଯ୍ୟ ସର୍ତ୍ତାବଳୀକୁ ମିଳିଲା ମଞ୍ଜୁରୀ

- ବାତ୍ୟା ମୋନ୍ଥା ଆଜି ରାତି ସୁଦ୍ଧା ସ୍ଥଳଭାଗ ଛୁଇଁବା ସମ୍ଭାବନା

— ରାଜ୍ୟରେ ପ୍ରଭାବିତ ହେବାକୁ ଥିବା ୮ଟି ଜିଲ୍ଲାରେ ବ୍ୟାପକ ପ୍ରସ୍ତୁତି

— ବାତ୍ୟା ପରବର୍ତ୍ତୀ ସମୟରେ ଫସଲ କ୍ଷୟକ୍ଷତି ସହାୟତା ପ୍ରଦାନକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱାରୋପ

ଏବଂ

- ଦୁର୍ନୀତି ବିରୋଧରେ ଲଢ଼ିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ, କହିଲେ ମୁଖ୍ୟମନ୍ତ୍ରୀ

# କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନର କାର୍ଯ୍ୟ ସର୍ତ୍ତାବଳୀକୁ ମଞ୍ଜୁରୀ ମିଳିଛି । କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କମିଶନ୍ ଗଠନ ହେବା ଦିନଠାରୁ ୧୮ ମାସ ମଧ୍ୟରେ ଏହାର ସୁପାରିଶ୍ ସରକାରଙ୍କ ପାଖରେ ଦାଖଲ କରିବ । ଜଣେ ଅଧ୍ୟକ୍ଷ, ଅସ୍ଥାୟୀ ସଦସ୍ୟ ଏବଂ ସଦସ୍ୟ ସଚିବଙ୍କୁ ନେଇ ଏହି ବେତନ କମିଶନ୍ ଗଠନ କରାଯାଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି । କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ନେଇ ସୁପାରିଶ କରିବାକୁ ସରକାର ଗତ ଜାନୁଆରୀ ମାସରେ ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ୍ ଗଠନ ନେଇ ଘୋଷଣା କରିଥିଲେ ।

ଚଳିତ ବର୍ଷ ରବି ଋତୁ ପାଇଁ ଫସ୍‌ଫେଟ୍ ଏବଂ ପଟାସ୍ ସାର ଉପରେ ପୋଷକତତ୍ତ୍ୱ ଆଧାରିତ ରିହାତି ପ୍ରଦାନକୁ କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି । ଚଳିତ ମାସ ପହିଲାରୁ ଆସନ୍ତା ମାର୍ଚ୍ଚ ମାସ ୩୧ ତାରିଖ ପର୍ଯ୍ୟନ୍ତ ଏହି ରିହାତି ଲାଗୁ ହେବ ।

# ବାତ୍ୟା 'ମୋନ୍ଥା'

ଦକ୍ଷିଣ-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ସୃଷ୍ଟ ବାତ୍ୟା 'ମୋନ୍ଥା' କାକିନାଡ଼ାଠାରୁ ୧୫୦

କିଲୋମିଟର ଏବଂ ଗୋପାଳପୁରଠାରୁ ୪୮୦ କିଲୋମିଟର ଦୂରରେ ରହିଛି। ଘଣ୍ଟାପ୍ରତି ୧୨ କିଲୋମିଟର ବେଗରେ ଗତି କରୁଥିବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ......

ଆଜି ରାତି ସୁଦ୍ଧା ଆନ୍ଧ୍ରପ୍ରଦେଶର ମଛଲିପଟ୍ଟନମ ଏବଂ କଳିଙ୍ଗପଟ୍ଟନମ ମଧ୍ୟରେ କାକିନାଡା ନିକଟରେ ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବ। ସ୍ଥଳଭାଗ ଛୁଇଁବା ସମୟରେ ପବନର ବେଗ ସର୍ବାଧିକ ୯୦ରୁ ୧୧୦ କିଲୋମିଟର ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର **ମନୋରମା ମହାନ୍ତି** ବାତ୍ୟା ସମ୍ପର୍କରେ କହିଛନ୍ତି ।

**- V/O -**

ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡା, ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ଆଜି ପ୍ରବଳ ବର୍ଷା ଜାରି ରହିଛି। ଏହିସବୁ ଜିଲ୍ଲାରେ ତିନିଦିନ ପାଇଁ ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ରକୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି ।

ସେହିପରି ପୁରୀ, ନୟାଗଡ ଓ ଖୋର୍ଦ୍ଧା ଜିଲ୍ଲାରେ ଆସନ୍ତାକାଲି ପର୍ଯ୍ୟନ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରଖାଯାଇଛି। ଏହାସହ କଟକ ଓ

ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ବାତ୍ୟାର ପ୍ରଭାବରେ ବର୍ଷା ଜାରି ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ବାତ୍ୟା 'ମୋନ୍ଥା'ର ମୁକାବିଲା ଏବଂ ପ୍ରସ୍ତୁତି ନେଇ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରି କହିଛନ୍ତି, ବାତ୍ୟା ସମୟରେ ଶୂନ୍ୟ ମୃତ୍ୟୁ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ୮ଟି ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୧ ହଜାର ୩୯୬ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି। ଆବଶ୍ୟକସ୍ଥଳେ ଆଉ ୩୦ ହଜାର ୫୯୪ ଜଣଙ୍କୁ ସ୍ଥାନାନ୍ତର କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ବାତ୍ୟା ଓ ଏହାର ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ପାଇଁ ମୋଟ୍ ୧୨୩ଟି ଅଗ୍ନିଶମ ଦଳ, ୩୦ଟି ଓଡ୍ରାଫ୍ ଓ ୫ଟି ଏନ୍‌ଡିଆରଏଫ୍ ଦଳ ମୁତୟନ କରାଯାଇଛି। ବାତ୍ୟା ପରେ ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ କରି ଚାଷୀମାନଙ୍କୁ ସହାୟତା ଦେବାପାଇଁ **ମୁଖ୍ୟମନ୍ତ୍ରୀ** ନିର୍ଦ୍ଦେଶ ଦେଇଛନ୍ତି। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ବାତ୍ୟା ମୋନ୍ଥା ସମ୍ପର୍କରେ ପ୍ରତିକ୍ରିୟା ଦେଇ କହିଛନ୍ତି....

**- V/O -**

ବାତ୍ୟା ମୋନ୍ଥାର ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର, ଆରୋଗ୍ୟ ମନ୍ଦିର, ପ୍ରାଥମିକ ଓ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଜିଲ୍ଲା

ମୁଖ୍ୟ ଚିକିତ୍ସାଳୟ ଏବଂ ମେଡିକାଲ କଲେଜ୍ ଓ ହସ୍ପିଟାଲଗୁଡ଼ିକରେ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟମାନଙ୍କରେ ୨୪ ଘଣ୍ଟିଆ ନିୟନ୍ତ୍ରଣକକ୍ଷ କାର୍ଯ୍ୟକ୍ଷମ କରାଯାଇଛି ।

ବର୍ଷା ପାଇଁ ସମ୍ଭାବ୍ୟ ଜଳ ଓ ଜୀବବାହିତ ରୋଗର ନିରାକରଣ ନିମନ୍ତେ ଔଷଧ ମହଜୁଦ୍ ରଖାଯିବା ସହ ସଚେତନତା ପ୍ରସାରଣର ବ୍ୟବସ୍ଥା କରାଯାଇଛି । ପବନ କିମ୍ବା ବର୍ଷା ଯୋଗୁଁ ବିଦ୍ୟୁତ ସେବା ବ୍ୟାହତ ହେଲେ ତୁରନ୍ତ ପୁନଃକାର୍ଯ୍ୟକ୍ଷମ କରିବାକୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ' ଶକ୍ତି ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ୯ଟି ଜିଲ୍ଲାରେ ବିଦ୍ୟୁତ୍ ତାର, ଟ୍ରାନ୍ସଫରମର ଓ ବିଦ୍ୟୁତ୍ ଖୁଣ୍ଟ ମହଜୁଦ ରଖାଯାଇଛି । ବାତ୍ୟାର ପ୍ରଭାବ ଶେଷ ହେବାର ୪୮ ଘଣ୍ଟା ମଧ୍ୟରେ ବିଦ୍ୟୁତ ପୁନଃସ୍ଥାପନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

ବାତ୍ୟା ସମୟରେ ରେଳଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଜି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ସମୀକ୍ଷା କରିଥିଲେ । ଯାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା, ନିରବଚ୍ଛିନ୍ନ ଯୋଗାଯୋଗ ବଜାୟ ରଖିବା ଏବଂ ବିପର୍ଯ୍ୟୟ ମୁକାବିଲା ଦଳ ଗୁଡ଼ିକୁ ପୂର୍ବରୁ ନିୟୋଜିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ବାତ୍ୟା ପରେ ରେଳସେବାକୁ ତୁରନ୍ତ ପୁନଃସ୍ଥାପନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳବାଇ ପକ୍ଷରୁ ୪୨ଟି ଟ୍ରେନ୍‌କୁ ବାତିଲ କରାଯାଇଥିବାବେଳେ ୨ଟି ଟ୍ରେନ୍‌ର ଗତିପଥ ପରିବର୍ତ୍ତନ

କରାଯାଇଛି । ଅନ୍ୟପକ୍ଷରେ ୮ଟି ଟ୍ରେନ୍‌ର ସମୟ ପୁନଃନିର୍ଦ୍ଧାରଣ କରାଯାଇଛି ।

ବାତ୍ୟା ମୋନ୍ଥା ଅଧିକ ଘନୀଭୂତ ହେଉଥିବାରୁ **ରାୟଗଡ଼ା** ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ଜିଲ୍ଲାରେ ଭୂସ୍ଖଳନ ଆଶଙ୍କା ଥିବା ଅଚଂଳରେ ତୀକ୍ଷ୍ଣ ନଜର ରଖାଯିବା ସହ ସମୁଦାୟ ୭୦ଟି ଜେସିବି ମେସିନ୍ ରଖାଯାଇଛି । ଜିଲ୍ଲାର ୬ ହଜାର ଲୋକଙ୍କୁ ସ୍ଥାନାନ୍ତର ପାଇଁ ଚିହ୍ନଟ କରାଯାଇଥିବାବେଳେ ଗୁଣୁପୁରରେ ପୁଟାସିଙ୍ଗ ଅଂଚଳର ୩ଟି ବସ୍ତିର ୭୩ ଜଣ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳିରେ ରଖାଯାଇଛି ବୋଲି ଆମ ସମ୍ବାଦଦାତା କହିଛନ୍ତି ।

ଜିଲ୍ଲାର ୧୧୮ ଜଣ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ମା' ଗୃହ ସହ ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ବାତ୍ୟା ମୋନ୍ଥା ସମ୍ପର୍କରେ ଜିଲ୍ଲାପାଳ **ଆଶୁତୋଷ କୁଲକର୍ଣ୍ଣି** କହିଛନ୍ତି......

**- V/O -**

ବାତ୍ୟା ମୋନ୍ଥାର ପ୍ରଭାବରେ **ନୟାଗଡ଼** ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଯାତ୍ରୀମାନଙ୍କୁ ନ ଯିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏ ସମ୍ପର୍କରେ ଆମ ନୟାଗଡ଼ ସମ୍ବାଦଦାତା **ବିଶ୍ୱନାଥ ପ୍ରତାପ ପଟ୍ଟନାୟକ** କହିଛନ୍ତି.....

**- V/O -**

**କୋରାପୁଟ** ଜିଲ୍ଲାର ନାରାୟଣପାଟଣା, ବନ୍ଧୁଗାଁ, ପୋଟାଙ୍ଗୀ, ନନ୍ଦପୁର, ସେମିଳିଗୁଡ଼ା ଓ ଜୟପୁର ଅଂଚଳରେ ବାତ୍ୟାର ତୀବ୍ରତା ବଢ଼ିବାରେ ଲାଗିଛି। ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ବରିଷ୍ଠ ଅଧିକାରୀମାନଙ୍କ ସହିତ ବୈଠକ କରି ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବାତ୍ୟା ମୋନ୍ଥା ସମ୍ପର୍କରେ କୋରାପୁଟ ସମ୍ବାଦଦାତା **ଅକ୍ଷୟ କୁମାର ମିଶ୍ର** କହିଛନ୍ତି....

ବାତ୍ୟା ମୋନ୍ଥାର ମୁକାବିଲା ପାଇଁ ସରକାରୀ ସ୍ତରରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ଲୋକମାନଙ୍କୁ ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି।

ଆଂଚଳିକ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

## ବାତ୍ୟା–୨

**ଗଜପତି** ଜିଲ୍ଲା ପ୍ରଶାସନ ପକ୍ଷରୁ ବାତ୍ୟା ମୋନ୍ଥାର ମୁକାବିଲା ନେଇ ସମସ୍ତ ବ୍ୟବସ୍ଥା କରାଯାଇଛି। ବାତ୍ୟା ଆଶ୍ରୟସ୍ଥଳ, ସ୍କୁଲଗୃହ ଏବଂ କମ୍ୟୁନିଟି ହଲ୍‌କୁ ବର୍ତ୍ତମାନସୁଦ୍ଧା ୧୦ ହଜାର ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ଜିଲ୍ଲାରେ ୧୩୯ଟି ଭୁସ୍ଖଳନ ଅଂଚଳ ଚିହ୍ନଟ କରାଯାଇଛି। ୧୮୧ଜଣ ଗର୍ଭବତୀଙ୍କୁ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ମା' ଗୃହକୁ ନିଆଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

**ଗଞ୍ଜାମ** ଜିଲ୍ଲାରେ ବାତ୍ୟା ମୋନ୍ଥା ପ୍ରଭାବରେ ବର୍ଷା ଲାଗି ରହିଛି। ଜିଲ୍ଲାରେ ୪୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବାବେଳେ ପାତ୍ରପୁର ଓ ଚିକିଟି

ବ୍ଲକ୍‌ରେ ସର୍ବାଧିକ ୧୦୦ ମିଲିମିଟରରୁ ଅଧିକ ବର୍ଷା ହୋଇଯାଇଛି। ଏବେ ସୁଦ୍ଧା ଜିଲ୍ଲାରେ ୩ ହଜାର ୬୦୦ ଲୋକଙ୍କୁ ଆଶ୍ରୟସ୍ଥଳିକୁ ସ୍ଥାନାନ୍ତର କରାଯାଇଛି।

## ମୁଖ୍ୟମନ୍ତ୍ରୀ-ସାଧୁତା ଶପଥପାଠ

ଦୁର୍ନୀତି ବିରୋଧରେ ଲଢ଼ିବା ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ଦୁର୍ନୀତି ରୋକିବା ପାଇଁ ଏକାଧିକ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଇଛି। ମାନବ ହସ୍ତକ୍ଷେପକୁ ଦୂରକରି ଜନଧନ ଆଧାର ଏବଂ ମୋବାଇଲର ଏକତ୍ରୀକରଣରେ 'ଜାମ୍' ବ୍ୟବସ୍ଥା ହିତାଧିକାରୀଙ୍କ ପାଇଁ କାର୍ଯ୍ୟକାରୀ କରାଯାଇଛି। ଏହି ବ୍ୟବସ୍ଥାରେ ସ୍ୱଚ୍ଛତାର ସହ ବିଭିନ୍ନ ପ୍ରଶାସନିକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଉପସ୍ଥିତ ଅଧିକାରୀମାନଙ୍କୁ ସଚ୍ଚୋଟତା ଓ ସାଧୁତାର ଶପଥପାଠ କରାଇଥିଲେ।

## ଭିଜିଲାନ୍ସ ଶୋଭାଯାତ୍ରା

**ସମ୍ବଲପୁର** ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆଜି ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ଦୁର୍ନୀତି ସମ୍ପର୍କିତ ବିଭିନ୍ନ ପ୍ଲା-କାର୍ଡ ଧରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ବାର୍ତ୍ତା ସୃଷ୍ଟି

କରିଥିଲେ। ଲାଞ୍ଚ ମାଗୁଥିବା ଅଧିକାରୀଙ୍କ ସମ୍ପର୍କରେ ତୁରନ୍ତ ଭିଜିଲାନ୍ସ ବିଭାଗକୁ ଜଣାଇବା ପାଇଁ ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି।

**କେନ୍ଦୁଝର** ଜିଲ୍ଲାପାଳଙ୍କ ସଭାଗୃହରେ ଏ ସମ୍ପର୍କିତ ସଚେତନତା ସଭାରେ ଜିଲ୍ଲାପାଳ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସଚେତନ କରାଇବା ସହ ଶପଥପାଠ କରାଇଥିଲେ।

## ପାଠାଗାର ପରିଦର୍ଶନ

ସୂଚନା ଓ ଲୋକସମ୍ପର୍କ ବିଭାଗର ଉତ୍ତରାଞ୍ଚଳର ଉପନିର୍ଦ୍ଦେଶିକା କଲ୍ୟାଣୀ ଦାସ ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ସହିତ **ବୌଦ୍ଧ** ଜିଲ୍ଲାର ପାଠାଗାର ପରିଦର୍ଶନ କରିଛନ୍ତି। ଜିଲ୍ଲା ପାଠାଗାରକୁ ଆସିଥିବା ପାଠକ-ପାଠିକାମାନଙ୍କ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଶ୍ରୀମତୀ ଦାସ ପଚାରି ବୁଝିଥିଲେ।

## ସାଇବର ସୁରକ୍ଷା

**ନୟାଗଡ଼** ଜିଲ୍ଲା ଶରଣକୁଳ ଲଡୁବାବା ମନ୍ଦିର ପରିସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତମାସରେ ଚାଲିଥିବା ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ପୁଲିସ ଓ ଶରଣକୁଳ ପୁଲିସ୍‌ର ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜନସାଧାରଣ ସାଇବର ସୁରକ୍ଷାକୁ ପ୍ରାଥମିକତା ଓ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦିଆଯାଇଛି।

**ଯାଜପୁର** ସଂସ୍କୃତି ଭବନ ପରିସରରେ ଏହି ସମ୍ପର୍କିତ ସଭା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧକୁ

ପ୍ରତିହତ କରିବା ପାଇଁ ସମାଜର ସବୁ ସ୍ତରରେ ଜନସଚେତନତା ଓ ଶିକ୍ଷାର ବିସ୍ତାର ଉପରେ ସଭାରେ ଗୁରୁତ୍ୱାରୋପ କରାଯାଇଛି ।